# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**05 June – 2026**

**********************************

## ମୁଖ୍ୟ ସମ୍ବାଦ

- ପରିବେଶ ସୁରକ୍ଷା ଓ ସଂରକ୍ଷଣ ଏକ ସାମୂହିକ ଦାୟିତ୍ୱ; ବିଶ୍ୱ ପରିବେଶ ଦିବସ ଅବସରରେ କହିଲେ ରାଜ୍ୟପାଳ
- ପୁରୀରେ ଉଦ୍‌ଯାପିତ ହେଲା ବିପର୍ଯ୍ୟୟ ବିପଦ ହ୍ରାସ ନେଇ ଆୟୋଜିତ ବ୍ରିକ୍ସ ରାଷ୍ଟ୍ରସମୂହର ବୈଠକ
- ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ରଥଯାତ୍ରା ନୀତି ନିର୍ଘଣ୍ଟକୁ ସ୍ୱିକୃତି

ଏବଂ

- କାଳବୈଶାଖୀର ପ୍ରଭାବରେ ରାଜ୍ୟର ୨୫ଟି ଜିଲ୍ଲାରେ ବର୍ଷା ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା

## ବିଶ୍ୱ ପରିବେଶ ଦିବସ

'ପ୍ରକୃତି ଦ୍ୱାରା ଅନୁପ୍ରାଣିତ-ଜଳବାୟୁ ପାଇଁ, ଆମର ଭବିଷ୍ୟତ' ବାର୍ତ୍ତା ନେଇ ଆଜି 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଇଛି। ୧୯୭୩ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହି ଦିବସ ପାଳନ କରାଯାଇଥାଏ । ଜଳବାୟୁ ପରିବର୍ତ୍ତନର ମୁକାବିଲା, ପ୍ରକୃତିର ସୁରକ୍ଷା, ସ୍ୱଚ୍ଛ ଶକ୍ତିର ବ୍ୟବହାର, ସବୁଜ ଜୀବନଶୈଳୀ ଏବଂ ଏକ ସୁରକ୍ଷିତ ପୃଥିବୀ ଗଠନ ପାଇଁ ବିଶ୍ୱସ୍ତରୀୟ ସହଯୋଗର ଆବଶ୍ୟକତା ସଂପର୍କରେ ସଚେତନତା ସୃଷ୍ଟି କରିବା ଏହି ଦିବସର ପାଳନର ମୂଳ ଉଦ୍ଦେଶ୍ୟ ।

## ପରିବେଶ ଦିବସ-ରାଜ୍ୟପାଳ

ପରିବେଶ ସୁରକ୍ଷା ଓ ସଂରକ୍ଷଣ ଏକ ସାମୁହିକ ଦାୟିତ୍ୱ ବୋଲି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି। ଭୁବନେଶ୍ୱର ଲୋକଭବନଠାରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅଟଳ ବନରେ ଚାରାରୋପଣ କରି ରାଜ୍ୟପାଳ କହିଛନ୍ତି, ପରିବେଶକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷରୋପଣ କରି ନିଜର ଯୋଗଦାନ ରଖିବା ଆବଶ୍ୟକ। 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନ ଅଧୀନରେ ଅତି କମ୍‌ରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବାକୁ ରାଜ୍ୟବାସୀଙ୍କୁ ରାଜ୍ୟପାଳ ନିବେଦନ କରିଛନ୍ତି। ସ୍ୱଚ୍ଛ, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଯୁବପିଢ଼ି ଅଗ୍ରଣି ଭୂମିକା ଗ୍ରହଣ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଛନ୍ତି।

ଭୁବନେଶ୍ୱରସ୍ଥିତ ଓଡ଼ିଶା ଅର୍ବାନ ଏକାଡେମୀ ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଣ୍ଡିଆନ୍ ଓ୍ୱାଟର ଓ୍ୱାର୍କସ୍ ଆସୋସିଏସନ୍-IWWAର ସଭାପତି ଯନ୍ତ୍ରୀ ହାଡିବନ୍ଧୁ ବେହେରା ଯୋଗଦେଇ ପରିବେଶ ସୁରକ୍ଷା ଓ ଜଳ ସଂରକ୍ଷଣ ପାଇଁ ମିଳିତ ପ୍ରୟାସର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ।

## ପରିବେଶ ଦିବସ-ଖୁଣ୍ଟିଆ

ରାଜ୍ୟ ସରକାର ଏକ ସବୁଜ, ସ୍ୱଚ୍ଛ ଓ ଜଳବାୟୁ ସହନଶୀଳ ଓଡ଼ିଶା ଗଠନ ଦିଗରେ ଦୃଢ଼ତାର ସହ ଅଗ୍ରଗତି କରୁଛନ୍ତି ବୋଲି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ଖୁଣ୍ଟିଆ କହିଛନ୍ତି, ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ଓ ସୁସ୍ଥ ପରିବେଶ ଗଢ଼ି ତୋଳିବା ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା।

ପାରମ୍ପରିକ ଚାଷ ପଦ୍ଧତି, ପରିବେଶ ସୁରକ୍ଷାରେ ସହାୟକ ହେଉଥିବାରୁ ଏହାର ମୂଳ ତତ୍ତ୍ୱକୁ ଧ୍ୟାନରେ ରଖି ନୂତନ ପ୍ରଣାଳୀ ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ବ୍ୟକ୍ତି, ସମାଜ ଓ ପରିବେଶ ପରସ୍ପରର ପରିପୂରକ। ଏହାର ସନ୍ତୁଳନ ବଜାୟ ରଖିବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି। ଏହି ଅବସରରେ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ

ଅବଦାନ ପାଇଁ ପ୍ରକୃତି ମିତ୍ର ଓ ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ପରିବେଶ ସୁରକ୍ଷା ଆନ୍ଦୋଳନରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି ।

ପରିବେଶ ସୁରକ୍ଷା ସମ୍ପର୍କରେ ପରିବେଶବିତ୍ ଡକ୍ଟର ଚିତ୍ତରଞ୍ଜନ ମିଶ୍ର କୁହନ୍ତି.....

## ବ୍ରିକ୍ସ ସମ୍ମିଳନୀ

ବିପର୍ଯ୍ୟୟ ବିପଦ ହ୍ରାସ ନେଇ **ପୁରୀ**ରେ  ଆୟୋଜିତ ବ୍ରିକ୍ସ ରାଷ୍ଟ୍ରସମୂହର ଦ୍ୱିତୀୟ ବୈଷୟିକ କାର୍ଯ୍ୟଗୋଷ୍ଠୀ ବୈଠକ ଆଜି ଉଦ୍‌ଯାପିତ ହୋଇଯାଇଛି । ବୈଠକରେ ବ୍ରିକ୍ସ ସଦସ୍ୟ ଦେଶର ବରିଷ୍ଠ ଅଧିକାରୀ ଓ ବୈଷୟିକ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ବିପଦ ହ୍ରାସ ନିମନ୍ତେ ବିଭିନ୍ନ ଆହ୍ୱାନର ସମାଧାନ ଦିଗରେ ମତବିନିମୟ କରିଛନ୍ତି । ୩ ଦିନରେ ମୋଟ ୧୧ଟି ବିଷୟରେ ଆଲୋଚନା ହୋଇଛି । ବିପର୍ଯ୍ୟୟ ପରିଚାଳନା ନେଇ ପ୍ରଶାସନିକ ଓ ସମ୍ପ୍ରଦାୟ ଆଧାରିତ ପଦ୍ଧତି, ପ୍ରାକ୍ ଅନୁମାନଯୋଗ୍ୟ ନିବେଶ ପାଇଁ ଆର୍ଥିକ ମଡେଲ, ବହୁ ବିପଦର ପ୍ରାକ୍ ସୂଚନା ସମ୍ପର୍କରେ ସମ୍ମିଳନୀରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା । ବ୍ରିକ୍ସ ରାଷ୍ଟ୍ରର ସଦସ୍ୟମାନେ ଆଜି ପୁରୀ-କୋଣାର୍କ ବେଳାଭୂମି ସମେତ ରାମଚଣ୍ଡି ଗସ୍ତ କରି ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରଦର୍ଶନୀ ଦେଖିଛନ୍ତି ।

## ଆମ୍ର ମହୋତ୍ସବ

ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ରରେ ରାଜ୍ୟସ୍ତରୀୟ ଆମ୍ବ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି, ଚାଷୀଙ୍କ ଆୟ ବୃଦ୍ଧି ଓ ରପ୍ତାନିକୁ ବଢ଼ାଇବା ପାଇଁ ଓଡ଼ିଶା ଆମ୍ବର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିର ଆବଶ୍ୟକତା ରହିଛି। କୃଷି ଉତ୍ପାଦନ ବୃଦ୍ଧି ପାଇଁ ଫସଲ ବିବିଧିକରଣ, ଡାଲି ଜାତୀୟ ଫସଲ, ତୈଳବୀଜ ଏବଂ ଔଷଧୀୟ ଗୁଣଯୁକ୍ତ ଫଳଚାଷ କରିବାକୁ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଜଳବାୟୁ ଉପଯୋଗୀ ଉଦ୍ୟାନ କୃଷିର ପ୍ରସାର ଏବଂ କ୍ଷେତ ବଂଚାଅ ଅଭିଯାନ ଅଧୀନରେ ଚାଷ ଜମିର ସୁରକ୍ଷା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଶତାଧିକ ଚାଷୀ, ବିଶେଷଜ୍ଞ ଓ ପରିବେଶବିତ୍ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।  ଏହି ଅବସରରେ ୬୦ରୁ ଉର୍ଦ୍ଧ୍ୱ କିସମର ଆମ୍ବ ପ୍ରଦର୍ଶିତ ହୋଇଥିଲା।

## ଗଣତି-ମଣତି

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଦେବସ୍ନାନ ପୂର୍ଣ୍ଣିମା, ରଥଯାତ୍ରା, ବାହୁଡା ଯାତ୍ରା ନୀତି ନିର୍ଘଣ୍ଟ ଓ ବ୍ୟବସ୍ଥାବଳିର ପରିଚାଳନାକୁ କମିଟି ଅନୁମୋଦନ କରିଛି। ନରେନ୍ଦ୍ର ପୁଷ୍କରିଣୀଠାରେ ଶ୍ରୀମନ୍ଦିର ପ୍ରଶାସନର ଏକ

ସ୍ଥାୟୀ ସୂଚନା କେନ୍ଦ୍ର ଓ ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ, ଆଦର୍ଶ ଗୁରୁକୁଳ ପ୍ରତିଷ୍ଠା, ସେବାୟତ ଆବାସ ଯୋଜନା ପାଇଁ ଅନ୍ୟତ୍ର ଜମି ଚିହ୍ନଟ ନେଇ ବୈଠକରେ ନିଷ୍ପତ୍ତି ହୋଇଛି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାର ଗଣତି-ମଣତି କାର୍ଯ୍ୟକୁ ଆଗାମୀ ନିଳାଦ୍ରୀ ବିଜେ ନୀତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ସମୟରେ ଦିନ ସ୍ଥିର କରାଯାଇ ଗଣତି-ମଣତି କାର୍ଯ୍ୟ ପୁନଃ ଆରମ୍ଭ କରାଯିବ । ଅଳଙ୍କାରଗୁଡ଼ିକର ଫଟୋ ଓ ଭିଡିଓଗ୍ରାଫି ଓ ଥ୍ରୀଡି ମ୍ୟାପିଂ ପରେ ଭିତର ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି ।

**- V/O -**

ବୈଠକରେ ପୁରୀ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଗାମୀ ରଥଯାତ୍ରାର ଶୃଙ୍ଖଳିତ ଆୟୋଜନ ସମ୍ପର୍କରେ ମତ ବ୍ୟକ୍ତ କରିଥିଲେ ।

## ଉପନିର୍ବାଚନ

ରାଜ୍ୟରେ ଖାଲି ପଡିଥିବା ଗୋଟିଏ ରାଜ୍ୟସଭା ଆସନ ପାଇଁ ବିଜେପି ପ୍ରାର୍ଥୀ ଦେବାଶୀଷ ସାମନ୍ତରାୟ ଆଜି ନାମାଙ୍କନପତ୍ର ଦାଖଲ କରିଛନ୍ତି । ନାମାଙ୍କନପତ୍ର ଦାଖଲ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଜେପିର ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ । ରାଜ୍ୟସଭା ଉପନିର୍ବାଚନ

ଲାଗି ଆସନ୍ତା ୮ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ। ୧୧ ତାରିଖ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ଦିନ ରହିଛି। ଆସନ୍ତା ୧୮ ତାରିଖରେ ରାଜ୍ୟସଭା ଉପନିର୍ବାଚନ ପାଇଁ ଭୋଟ ଗ୍ରହଣ କରାଯିବ।

## ଅଧିକ୍ଷକ ସମ୍ମିଳନୀ

ଭୁବନେଶ୍ୱର ସ୍ଥାନୀୟ ନିର୍ମାଣ ସୌଧଠାରେ ରାଜ୍ୟସ୍ତରୀୟ ଅବକାରୀ ଅଧିକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅବକାରୀମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କାର୍ଯ୍ୟକ୍ରମରେ ଅଧକ୍ଷତା କରି କହିଛନ୍ତି, ବେଆଇନ୍ ନିଶା କାରବାର ଏବଂ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ଥିବା ପେଶାଦାର ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ତାଲିମ୍, ନୂଆ ନିଯୁକ୍ତି, ବିଭିନ୍ନ ଜୋନ୍‌ରେ ଥିବା ସମସ୍ୟାର ସମାଧାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରମୁଖ ଶାସନ ସଚିବ ଆର.ଏସ୍.ଗୋପାଳନ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରଶାସନିକ ସଂସ୍କାର ବିଷୟରେ ଆଲୋଚନା କରିଥିଲେ।

## ରବି ଫସଲ ସଂଗ୍ରହ

**କେନ୍ଦ୍ରାପଡା** ଜିଲ୍ଲାରେ ରାଜ୍ୟ ସରକାରଙ୍କ ମାର୍କଫେଡ୍ ପକ୍ଷରୁ ମାର୍ଶାଘାଇ ବ୍ଲକ୍‌ର ନିଳାଦ୍ରୀପୁରଠାରେ ସରକାରୀ ସ୍ତରରେ ରବିଜାତୀୟ

ଫସଲ ଚାଷୀମାନଙ୍କଠାରୁ କ୍ରୟ କରାଯାଉଛି। ଏହା ଫଳରେ ଚାଷୀମାନଙ୍କର ଆୟ ବୃଦ୍ଧି ହୋଇପାରିବ।

## ପରିବେଶ ଦିବସ

ରାଜ୍ୟର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।

**ନୟାଗଡ଼** ଜିଲ୍ଲା ରଣପୁର ବ୍ଲକ୍ ଝାଡପଡା ଗୋଦାବରୀଶ ମିଶ୍ର ନୋଡାଲ ପ୍ରାଥମିକ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ରମରେ ବିଧାନସଭା ବାଚସ୍ପତି ତଥା ରଣପୁର ବିଧାୟିକା ସୁରମା ପାଢ଼ୀ ଯୋଗଦେଇ ଚାରା ରୋପଣ କରିଥିଲେ। ସମସ୍ତେ ଗଛ ଲଗାଇ ଧରିତ୍ରୀକୁ ସବୁଜ ସୁନ୍ଦର କରିବାକୁ ଶ୍ରୀମତୀ ପାଢ଼ୀ ପରାମର୍ଶ ଦେଇଥିଲେ।

**ସୁବର୍ଣ୍ଣପୁର** ଜିଲ୍ଲା ବନ ବିଭାଗ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନ ପକ୍ଷରୁ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ ସୁରକ୍ଷା ନେଇ ବ୍ୟାପକ ଜନସଚେତନତା ସୃଷ୍ଟି ଉପରେ ପରିବେଶବିତ୍‌ମାନେ ବୈଠକରେ ଗୁରୁତ୍ୱାରୋପ କରିଥିଲେ।

**ରାୟଗଡ଼ା** ସଦର ମହକୁମା ମୁନିଗୁଡ଼ା ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି।

ରାୟଗଡ଼ା ପୌର ପରିଷଦ ଆନୁକୂଲ୍ୟରେ ପରିମଳ ଉଦ୍ୟାନର ମୁଖ୍ୟ ଫାଟକ, ମୋ ବଗିଚା, ୱେଷ୍ଟ ଟୁ ୱଣ୍ଡର ପାର୍କ ଏବଂ ନିର୍ମାଣ ଓ ଭଗ୍ନ ଜନିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟନ କରାଯାଇଛି।

**ମାଲକାନଗିରି ଓ ସମ୍ବଲପୁର** ଜିଲ୍ଲାର ସଦର ମହକୁମାର ବିଭିନ୍ନ ସ୍ଥାନରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

## ଖବର ସଂକ୍ଷେପରେ

**ନୟାଗଡ଼** ଜିଲ୍ଲାରେ ଦୁଇଦିନିଆ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ମନମୋହନ ସାମଲ ଯୋଗଦେଇ ଦୀନଦୟାଲ ଉପାଧ୍ୟାୟଙ୍କ ବିଚାରାଧାରା ଉପରେ ଆଲୋକପାତ କରିଥିଲେ।

**ନବରଙ୍ଗପୁର** ଜିଲ୍ଲା ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ତୃତୀୟ ପର୍ଯ୍ୟାୟ ୧୧ତମ କୃଷି ଜନଗଣନା ସମ୍ବନ୍ଧୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।

**କନ୍ଧମାଳ** ଜିଲ୍ଲାପାଳ ଆଜି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ-ଏସଆଇଆର ସମ୍ପର୍କିତ ସଚେତନତା ରଥକୁ ଉଦ୍‌ଘାଟନ କରିଛନ୍ତି। ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଲକ୍ଷ୍ୟ।

**ଯାଜପୁର** ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି ।

## ପାଣିପାଗ

କାଳବୈଶାଖୀ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ଜାରି ରହିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ଝଡ଼ବର୍ଷା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ୨୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅନ୍ୟପକ୍ଷରେ, ଗରମ ଓ ଗୁଳୁଗୁଳି ନେଇ ୧୯ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି ।